# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

**ପତ୍ରିକା ସଂଖ୍ୟା-୫୧/୨୫**

**ଜିଲ୍ଲା-ଭଦ୍ରକ** **ତା.୨୬.୦୬.୨୦୨୫**

**ପାଣିପାଗ ପୂର୍ବାନୁମାନ ( ତା.୦୧.୦୭.୨୦୨୫ ପର୍ଯ୍ୟନ୍ତ )-** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁୟାୟୀ,**ଜିଲ୍ଲାରେ ଆସନ୍ତା ୫ ଦିନ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଅଛି ।** ପବନର ବେଗ ୦୬-୨୦ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୩୨-୩୪°C ଏବଂ ୨୫-୨୬° C ରହିବାର ସମ୍ଭାବନା ରହିଛି ।

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BHADRAK | 27-06-2025 | 10 | 32 | 25 | 5 | 78 | 55 | 6 | 253 |
| | 28-06-2025 | 15 | 32 | 25 | 6 | 78 | 57 | 10 | 209 |
| | 29-06-2025 | 5 | 34 | 25 | 5 | 77 | 58 | 11 | 236 |
| | 30-06-2025 | 2.5 | 34 | 26 | 4 | 72 | 51 | 19 | 257 |
| | 01-07-2025 | 18 | 33 | 26 | 6 | 71 | 49 | 20 | 263 |

## ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| ସାଧାରଣ ଉପଦେଶ | | |
|---|---|---|
| | ➢ ସମୟ ସମୟରେ ମେଘୁଆ ଏବଂ ଶୁଖିଲା ପାଗ ଅନୁକୂଳ ଯୋଗୁଁ, ପରିବା ଫସଲରେ ପୋକ ଆକ୍ରମଣକୁ ନିୟମିତ ଅନୁଧ୍ୟାନ କରିବାକୁ ଚାଷୀମାନଙ୍କୁ ପରାମର୍ଶ ।<br>➢ ଯେହେତୁ ଆଗାମୀ ଦିନରେ ହାଲୁକା ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି, ତେଣୁ ଚାଷୀମାନେ ସିଞ୍ଚନ କାର୍ଯ୍ୟ କରିବା ସମୟରେ ଉପଯୁକ୍ତ ଯତ୍ନ ନେବା ଉଚିତ ।<br>➢ ଚାଷୀମାନେ ଧାନ ନର୍ସରୀ କିମ୍ବା ପନିପରିବା ବଗିଚାରୁ ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ।<br>➢ ପାଣି ଜମି ରହିଥିଲେ ମଞ୍ଜି ବୁଣନ୍ତୁ ନାହିଁ। | |
| ଫସଲର ନାମ | ଫସଲର ଅବସ୍ଥା | ପାଣିପାଗ ଭିତ୍ତିକ ପରାମର୍ଶ |
| ଖରିଫ ଧାନ | ଜମି ପ୍ରସ୍ତୁତି / ନର୍ସରୀ | ➢ ଖରିଫ ଧାନ ପାଇଁ ଭଲ ଭାବରେ ତଳି ପଟାଳି ପ୍ରସ୍ତୁତ କରି ୧ କେଜି ବିହନ ପ୍ରତି କାରବେଣ୍ଡାଜିମ (୨ ଗ୍ରାମ) ଓ ପ୍ଲାଣ୍ଟୋମାଇସୀନ (୧ ଗ୍ରାମ ) ବିଶୋଧନ କରି ଗାଲି ଗଜା ପ୍ରସ୍ତୁତ କରି ବୁଣନ୍ତୁ ।<br>➢ ଧାନ ଚାଷ ପାଇଁ ଗୁଣବତ୍ତା ବିହନ ବ୍ୟବହାର କରନ୍ତୁ-ଯଥା-<br>ମଝିଆଳି ଜମି ପାଇଁ -ଶାଳନ୍ଦୀ ,କଳିଙ୍ଗ ଧାନ -୧୩୦୧ ,ପ୍ରତୀକ୍ଷା<br>ଖାଲ ମଝିଆଳି ଜମି ପାଇଁ -ସ୍ବର୍ଣ୍ଣ ,ରାଣୀଧାନ , କଳିଙ୍ଗ ଧାନ -୧୪୦୧ ,MTU -୧୧୪୦<br>ଖାଲ ଜମି ପାଇଁ - କଳିଙ୍ଗ ଧାନ -୧୦୫୧ , କଳିଙ୍ଗ ଧାନ -୧୦୫୨ ,କଳାଚମ୍ପା CR-୧୦୦୯<br>ବନ୍ୟା ଅଞ୍ଚଳ ପାଇଁ –ସ୍ବର୍ଣ୍ଣ ସବ ୧ ,CR-୧୦୦୯ ସବ ୧ |
| ଆୖଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ➢ ଆଖୁରେ ସଅଁଳ କାଣ୍ଡ ବିନ୍ଧାପୋକ ଦୃଷ୍ଟିଗୋଚର ହେଲେ Fipronil ୫SC@ ୪୦୦ମିଲି/ଏକର ପତ୍ର ସିଂଚନ କରନ୍ତୁ ।<br>➢ ମଧ୍ୟମ ଓ ବିଳମ୍ବ କିସମ ଫସଲ ୪ରୁ୫ ମାସ ବେଳକୁ ଗଛରେ ଭେଳା ବାନ୍ଧନ୍ତୁ । |
| ପନିପରିବା | ନର୍ସରୀ /ଫୁଲ/ଫଳ ଅବସ୍ଥା | ➢ ପାଣି ଜମି ନରହିବା ପାଇଁ କ୍ଷେତରେ ଜଳ ନିଷ୍କାସନ କରନ୍ତୁ।<br>➢ ବର୍ଷା ବନ୍ଦ ହେବା ପରେ ଚାଷୀମାନେ ବାଇଗଣ ଓ ଭେଣ୍ଡି ଉଦ୍ଭିଦଗୁଡିକର ରୋପଣ କରନ୍ତୁ ।<br>➢ ରୋପଣ କିମ୍ବା ବୁଣିବା ପୂର୍ବରୁ କାର୍ବେଣ୍ଡାଜିମ୍(୨ ଗ୍ରାମ) ସହିତ ବିହନ / ମୂଳ ବିଶୋଧନ କରନ୍ତୁ ।<br>➢ ବର୍ତ୍ତମାନର ପାଗ ସ୍ଥିତିରେ ପନିପରିବା ଓ ବାଇଗଣରେ ଦହିଆ ପୋକ ବୃଦ୍ଧି କରିପାରେ , ନିୟନ୍ତ୍ରଣ କରିବା ପାଇଁ |

| | | |
|---|---|---|
| | | ଥିଆମେଥୋକ୍ସାମ 0.4 ଗ୍ରାମ୍ ପ୍ରତି ଲିଟର ପାଣି ସିଞ୍ଚନ କରନ୍ତୁ । |
| ଫଳ | | ➢ ବର୍ଷା ବନ୍ଦ ହେବା ପରେ, ଅମୃତଭଣ୍ଡା ମଞ୍ଜିକୁ କାର୍ବେଣ୍ଡାଜିମ୍  ସହିତ ମିଶାଇ ବିହନ ବିଶୋଧନ କରି ବୁଣନ୍ତୁ।<br>➢ ଅମୃତଭଣ୍ଡାର ଫଳ ବିକାଶ ପର୍ଯ୍ୟାୟରେ ଗଛକୁ ପବନ ଏବଂ ବର୍ଷାରୁ ରକ୍ଷା କରିବା ପାଇଁ ବାଉଁଶ ଏବଂ ଅନ୍ୟାନ୍ୟ ପ୍ରକାରର କାଠି ସାହାଯ୍ୟରେ ରଞ୍ଜା ଦିଅନ୍ତୁ। |
| ମାଛ ଚାଷ | | ➢ ଦ୍ରୁତ ଗତିରେ ବଢୁଥିବା କାର୍ପ ଜାତୀୟ ମାଛ ଯଥା ରୋହୁ,ଭାକୁର ଓ ମିରିକଲିକୁ ଏକ ନିର୍ଦ୍ଦିଷ୍ଟ ଅନୁପାତରେ ୪:୩:୩ ଅନୁପାତରେ ରେ ଚାଷ କରିବା ଦ୍ୱାରା ଲାଭ ବୃଦ୍ଧି ହୋଇଥାଏ।<br>➢ ସାଧାରଣତଃ ପୋଖରୀରେ ହେକ୍ଟର ପିଛା  ୫ ହଜାର ଯାଁଳା ଛଡାଯାଏ ।<br>➢ ମାଛମାନଙ୍କୁ ବାଦାମ ତେଲର ପିଠା ଏବଂ ଚାଉଳର ଚୋପା ସମାନ ଅନୁପାତରେ ଗଛିତ ସାମଗ୍ରୀର ମୋଟ ଜୈବବସ୍ତୁର 5%ରେ ଦିଆଯାଏ। ପୋଖରୀର ଗୁଣବତ୍ତା ବୃଦ୍ଧି ପାଇଁ ଗୋବର , ୟୁରିଆ ଓ ସୁପର ଫସଫେଟ ପ୍ରୟୋଗ କରିବା ଉଚିତ। ମାଛମାନେ ୮ ରୁ ୧୦ ମାସ ଭିତରେ ବିକ୍ରି ଯୋଗ୍ୟ ହୋଇଯାନ୍ତି। |
| ପଶୁପାଳନ | | ➢ ବଜ୍ରପାତ ସମୟରେ ଗାଈ/ଛେଳିମାନଙ୍କୁ ଘର ଭିତରେ ରଖନ୍ତୁ।<br>➢ ପଶୁମାନଙ୍କୁ ରୋଗରୁ ରକ୍ଷା କରିବା ପାଇଁ ଗୁହାଳକୁ ସଫା ରଖନ୍ତୁ। |

**ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital